# ପ୍ରଚାର ଡ଼ାଏରୀ

ତା.୩୨.୦୪.୨୦୧୪

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

## ଶ୍ରୀମତୀ ଭଦ୍ରାଙ୍କର ଦୁଃଖ

ଶ୍ରୀ ଭଦ୍ରା ପ୍ରକାଶ କରିଛନ୍ତି କି, ସେ ରାଜନୀତି ସହ ଜଡ଼ିତ ନୁହନ୍ତି । ସେ କେବଳ ନିଜ ଭାଇ ଓ ମାଆଙ୍କୁ ସହାୟତା କରିବା ପାଇଁ ନିର୍ବାଚନ ପ୍ରଚାର କରୁଛନ୍ତି । ଗତ କାଲି ସେ ଖୁବ ଦୁଃଖର ସହ ପ୍ରକାଶ କରିଛନ୍ତି ଯେ ତାଙ୍କ ସ୍ୱାମୀଙ୍କ ବ୍ୟକ୍ତିଗତ ବ୍ୟାପାର ନେଇ ଘନ ଘନ ଆକ୍ରମଣ କେତେ ଦୂର ଉଚିତ ? ହେଲେ କୌଣସି ମୂଳଧନ ନଥାଇ ବିପୁଳ ପରିମାଣର ଲାଭଜନକ ବ୍ୟବସାୟ ସାଧାରଣତଃ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିବା ସ୍ୱଭାବିକ ।

ବାସ୍ତବରେ ଶ୍ରୀମତୀ ଭଦ୍ରା ଉଚିତ କଥା କହୁଛନ୍ତି । କୌଣସି ବ୍ୟକ୍ତିଙ୍କର ବ୍ୟକ୍ତିଗତ ବ୍ୟାପାର ନେଇ ହସ୍ତକ୍ଷେପ କରିବା ଅନୁଚିତ । ହେଲେ ତାଙ୍କ ଭାଇ ଯେତେବେଳେ ନରେନ୍ଦ୍ର ମୋଦିଙ୍କ ଅତୀତରେ ହୋଇଥିବା ବିବାହକୁ ସର୍ବସାଧାରଣଙ୍କ ସମ୍ମୁଖକୁ ଆଣିଥିଲେ , ଅହମ୍ମଦାବାଦର ଜଣେ ମହିଳାଙ୍କୁ ସୁରକ୍ଷା ଦେବା ପ୍ରସଙ୍ଗକୁ  ନେଇ କଂଗ୍ରେସର ବିରାଟ ସମସ୍ୟା ସୃଷ୍ଟି କରିବା, ଦୀର୍ଘ ୧୨ ବର୍ଷ ଧରି କୋର୍ଟ ନରେନ୍ଦ୍ର ମୋଦିଙ୍କ ବିରୋଧରେ କେଶ ଫାଇଲ କରିବା ଭଳି କୌଣସି ଘଟଣା ନାହିଁ ବୋଲି କହିବା ପରେ ମଧ୍ୟ କଂଗ୍ରେସ ପାର୍ଟି ମିଥ୍ୟା କଳ୍ପନା ଜଳ୍ପନା କରି ଆରୋପ ଲଗାଇ ଚାଲିଛି ଓ ତାଙ୍କ ମାତା ନରେନ୍ଦ୍ର ମୋଦିଙ୍କୁ ' ମୌତ କା ସୌଦାଗର ' ଅଖ୍ୟା  ଦେବା ସମୟରେ ବୋଧହୁଏ ସେମାନେ ଏହା ଜାଣି ନଥିଲେ । ତେଣୁ ଅନ୍ୟକୁ କହିବା ପୂର୍ବରୁ ପ୍ରଥମେ ନିଜ ଘରକୁ ସଜାଡ଼ିବା ଆବଶ୍ୟକ ।

## ଆମ ଆଦମୀ ପାର୍ଟିର ସାମ୍ପ୍ରଦାୟିକତା

ଆମ ଆଦମୀ ପାର୍ଟି ପାଇଁ ଲୋକସଭା ନିର୍ବଚନ ଅପେକ୍ଷା ଦିଲ୍ଲୀର ବିଧାନସଭାର ନିର୍ବଚନ ଅଧିକ ଗୁରୁତ୍ୱପୂର୍ଣ୍ଣ ଘଟଣା । ଦିଲ୍ଲୀରେ ତାଙ୍କ ଶାସନ ଚଳାଇବାର କାର୍ଯ୍ୟକାଳ ଖୁବ ଶୋଚନୀୟ ଅଟେ । ସେମାନେ କେବଳ ସୁବିଧାବାଦୀ ହୋଇ ଲୋକପ୍ରିୟତା ମାଧ୍ୟମରେ ଭୋଟ ପାଇବା ଉପରେ ବିଶ୍ୱାସ

ରଖନ୍ତି । ତାଙ୍କର ଜଣେ ମହିଳା ପ୍ରତିଦ୍ୱନ୍ଦ୍ୱୀ ନିଜ ସମ୍ପ୍ରଦାୟର ମୁସଲମାନ ମାନଙ୍କୁ ସାମ୍ପ୍ରଦାୟିକ ହେବାକୁ ଆହ୍ୱାନ କରୁଛନ୍ତି । କୌଣସି ରାଜନୈତିକ ଦଳ ତରଫରୁ ଏପରି ମନ୍ତବ୍ୟ ଆଦୌ ଗ୍ରହଣୀୟ ନୁହେଁ । ଏହା ତାଙ୍କ ମନସ୍ତତ୍ୱକୁ ପ୍ରତିଫଳିତ କରେ । ଆମ ଆଦମୀ ପାର୍ଟି ପିନ୍ଧିଥିବା ମୁଖା ଆଜି ଖୋଲିଯାଇଛି ।

**ହମ୍ପ୍ଟି ଡ଼ମ୍ପ୍ଟି**

ହମ୍ପ୍ଟି ଡ଼ମ୍ପ୍ଟି କୌଣସି କାର୍ଯ୍ୟକୁ ଏକତ୍ର କରିଛନ୍ତି ବୋଲି ପ୍ରକାଶ କରାଗଲେ ସାଧାରଣତଃ ସେମାନେ ମିଳିତ ଭାବରେ 'କେହି ବେଶୀ ନୁହେଁ ଓ କେହି କମ ନୁହେଁ' ବୋଲି ବୁଝାଏ । କେବେ କେବେ ଉକ୍ତ କାର୍ଯ୍ୟକୁ ଏକତ୍ର କରାଗଲେ ମଧ୍ୟ କିଏ ପ୍ରକୃତ ରିଙ୍ଗ ମାଷ୍ଟର ବୋଲି ପ୍ରଶ୍ନ ଉଠିପାରେ ।

କ୍ୟାପ୍ଟେନ ସାହେବ ମୋତେ ମିଥ୍ୟାବାଦୀ ବୋଲି ପ୍ରକାଶ କରିଛନ୍ତି । କାରଣ ମୁଁ ତାଙ୍କ ଉପରେ ପଞ୍ଜାବ ମହାନଗରରେ ଜମି କ୍ରୟ ନେଇ କେନ୍ଦ୍ର ସରକାରଙ୍କ ତରଫରୁ ଅନୁମୋଦନ ଆଣି ଏକ ଅଧିକ କର ଲଗାଣ କରିବାର ଆରୋପ କରିଅଛି । ବର୍ତ୍ତମାନ କିନ୍ତୁ ସେ ପ୍ରକାଶ କରନ୍ତି କି ତାଙ୍କ ମୁଖ୍ୟ ସଚୀବ ହିଁ ଏହା କରିଛନ୍ତି । ମୁଁ ୦୭.୧୨.୨୦୦୬ ମସିହାର କ୍ୟାପ୍ଟେନ ସାହେବଙ୍କ କେନ୍ଦ୍ର ସରକାରଙ୍କୁ ଦିଆଯାଇଥିବା ଲିଖିତ ଓ ଦସ୍ତଖତ ଥିବା ପତ୍ରକୁ ଦାଖଲ କରିଅଛି । ତେବେ ସେ ଏହା କରି ନାହାନ୍ତି ବୋଲି କିପରି ପ୍ରକାଶ କରୁଛନ୍ତି ? ସେ ପୁଣି ପ୍ରକାଶ କରନ୍ତ କି ଜଗଦିଶ ଟାଇଟ୍ଲେର ୧୯୮୪ ମସିହାର ଦଙ୍ଗାରେ ସଂଶ୍ଲିଷ୍ଟ ନୁହନ୍ତି । ସେ ପୁଣି ପ୍ରକାଶ କରନ୍ତି କି ସେ ତାଙ୍କୁ ଶ୍ୱେତପତ୍ର ପ୍ରଦାନ କରି ନାହାନ୍ତି । ତେବେ ସେ ବାସ୍ତବ ଜୀବନରେ ହମ୍ପ୍ଟି ଡ଼ମ୍ପ୍ଟି ଭଳି ଏପରି ଅବାସ୍ତବ ଖେଳ କାହିଁକି ଖେଳୁଛନ୍ତି ?